# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**17 October - 2024**

**News Editor : *Tapan Kumar Moharana***

**********************************

## ମୁଖ୍ୟ ସମ୍ବାଦ

- ଚଣ୍ଡିଗଡ଼ଠାରେ ଆଜି ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେଉଛି ଏନ୍‌ଡିଏ ଶାସନାଧୀନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ସମ୍ମିଳନୀ
- ହସ୍ତଶିଳ୍ପ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ କାର୍ଯ୍ୟକାରୀ ହେଉଥିବା 'ସମର୍ଥ' ଯୋଜନାର ସମୟସୀମା ବୃଦ୍ଧି
- ଚିଲିକାରେ ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ଡ୍ରୋନ୍ ବ୍ୟବହାର କରିବା ନେଇ ବନବିଭାଗର ନିଷ୍ପତ୍ତି

ଏବଂ

- କୁମାର ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କର ଅନୁଷ୍ଠିତ ହେଉଛି ସ୍ୱତନ୍ତ୍ର ନୀତିକାନ୍ତି

## ପ୍ରଧାନମନ୍ତ୍ରୀ-ମୁଖ୍ୟମନ୍ତ୍ରୀ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଚଣ୍ଡିଗଡ଼ ଠାରେ ଏନ୍.ଡି.ଏ. ଶାସିତ ରାଜ୍ୟ ଗୁଡ଼ିକର ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ବୈଠକ ଅନୁଷ୍ଠିତ ହେଉଛି । ଏଥିରେ ବିଜେପିର ରାଷ୍ଟ୍ରୀୟ ସଭାପତି ଜେ.ପି. ନଡ୍ଡା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ପ୍ରମୁଖ ଯୋଗଦେଇଛନ୍ତି । ବିଜେପି ଶାସିତ ୧୩ଟି ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ୧୬ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ଏନ୍.ଡି.ଏ. ମେଣ୍ଟର ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ବିହାର, ସିକ୍କିମ୍, ନାଗାଲାଣ୍ଡ ଏବଂ ମେଘାଳୟର ମୁଖ୍ୟମନ୍ତ୍ରୀମାନେ ବୈଠକରେ ଯୋଗଦେଇଛନ୍ତି ।

## ସମର୍ଥ ଯୋଜନା

ହସ୍ତଶିଳ୍ପ କ୍ଷେତ୍ରରେ ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟିକୁ ପ୍ରୋତ୍ସାହନ ଦେବା ଲକ୍ଷ୍ୟରେ କାର୍ଯ୍ୟକାରୀ ହେଉଥିବା 'ସମର୍ଥ' ଯୋଜନାର ସମୟସୀମାକୁ ଦୁଇ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଚଳିତ ଏବଂ ଆଗାମୀ ଆର୍ଥିକ ବର୍ଷ ପାଇଁ ଏ ବାବଦରେ ୪୯୫ କୋଟି ଟଙ୍କା ବରାଦ କରାଯାଇଛି।  ଏହି ଯୋଜନା ଅଧୀନରେ ହସ୍ତଶିଳ୍ପ କ୍ଷେତ୍ରରେ ୩ ଲକ୍ଷ ଲୋକଙ୍କୁ ତାଲିମ ପ୍ରଦାନର ଲକ୍ଷ୍ୟ ରଖାଯାଇଛି। ହସ୍ତଶିଳ୍ପ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଘରୋଇ ଉଦ୍ୟୋଗଗୁଡ଼ିକୁ ମଧ୍ୟ ଏଥିରେ ସାମିଲ କରାଯାଇଛି। ହସ୍ତଶିଳ୍ପ ମନ୍ତ୍ରଣାଳୟ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଏହି ଯୋଜନା ଅଧୀନରେ ଇତିମଧ୍ୟରେ ୩ ଲକ୍ଷ ୨୭ ହଜାର ଇଚ୍ଛୁକ ବ୍ୟକ୍ତିଙ୍କୁ ତାଲିମ ପ୍ରଦାନ କରାଯାଇସାରିଛି। ସେମାନଙ୍କ ମଧ୍ୟରୁ ୨ ଲକ୍ଷ ୬୦ ହଜାର ବିଭିନ୍ନ

କ୍ଷେତ୍ରରେ ନିଯୁକ୍ତ ହୋଇଛନ୍ତି। ମହିଳା ସଶକ୍ତିକରଣ ଲକ୍ଷ୍ୟରେ ଏହି ଯୋଜନା ଅଧୀନରେ ଏ ପର୍ଯ୍ୟନ୍ତ ୨ ଲକ୍ଷ ଅଣାନବେ ହଜାର ମହିଳାଙ୍କୁ ତାଲିମ ପ୍ରଦାନ କରାଯାଇସାରିଛି ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି।

# ହରିଆଣା-ସିଏମ୍ ଶପଥ

ବରିଷ୍ଠ ବିଜେପି ନେତା ନାଏବ ସିଂ ସାଇନି କ୍ରମାଗତ ଦ୍ୱିତୀୟଥର ଲାଗି ଆଜି ହରିଆଣାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଛନ୍ତି । ପଞ୍ଚକୁଲାସ୍ଥିତ ସାଲିମାର ପଡ଼ିଆଠାରେ ଅନୁଷ୍ଠିତ ଶପଥ ଗ୍ରହଣ ସମାରୋହରେ ରାଜ୍ୟପାଳ ବନ୍ଦାରୁ ଦତ୍ତାତ୍ରେୟ ତାଙ୍କୁ ଏବଂ ମନ୍ତ୍ରିମଣ୍ଡଳର ଅନ୍ୟ ସଦସ୍ୟଙ୍କୁ ଶପଥ ପାଠ କରାଇଛନ୍ତି। ଏହି ସମାରୋହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କ ସମେତ ଦଳର ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ।

**ମୁଖ୍ୟମନ୍ତ୍ରୀ** ମୋହନ ଚରଣ ମାଝୀ  ମଧ୍ୟ ଏହି ସମାରୋହରେ ଯୋଗ ଦେଇଛନ୍ତି। ଶ୍ରୀ ମାଝୀ କ୍ରମାଗତ ଭାବେ ଦ୍ୱିତୀୟଥର ପାଇଁ ହରିୟାଣାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିବାରୁ ଶ୍ରୀ ସୈନିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। **କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ** ନାୟାବ ସିଂହ ସୈନୀଙ୍କୁ ହରିୟାଣା ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରେ ସାମାଜିକ ଗଣମାଧ୍ୟମରେ ଅଭିନନ୍ଦନ ଜଣାଇଛନ୍ତି। ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ ନେତୃତ୍ୱରେ, ହରିୟାଣା କୃଷକମାନେ, ଗରିବ, ଶୋଷିତ,  ମହିଳା ଓ ଯୁବକମାନଙ୍କ ପାଇଁ ଏକ ସୁବର୍ଣ୍ଣ ଯୁଗ ଦେଖିବ।

ହରିୟାଣାରେ ତୃତୀୟ ଥର ପାଇଁ କ୍ଷମତାସୀନ ବିଜେପି ସରକାର ଉନ୍ନତି ଓ ସୁଶାସନର ଯାତ୍ରାକୁ ଅଗ୍ରସର କରିବା ସହିତ ସାଧାରଣ ଜନତାଙ୍କ ଆକାଂକ୍ଷା ପୂରଣ କରିବ ବୋଲି ମନ୍ତ୍ରୀ କହିଛନ୍ତି। ଜନଜାତି ବ୍ୟାପାର ମନ୍ତ୍ରୀ **ଜୁଏଲ ଓରାମ** ନୟାବ ସିଂହ ସୈନୀଙ୍କୁ ମୁଖ୍ୟମନ୍ତ୍ରୀରୂପେ ଶପଥ ଗ୍ରହଣ କରିବା ପରେ ଅଭିନନ୍ଦନ ଜଣାଇଛନ୍ତି। ସେ ତାଙ୍କର ଅଭିନନ୍ଦନ ବାର୍ତ୍ତାରେ କହିଛନ୍ତି, ହରିୟାଣାର ମୁଖ୍ୟମନ୍ତ୍ରୀ ଭାବରେ ପୁଣି ଶପଥ ଗ୍ରହଣ କରିଥିବା ଶ୍ରୀ ନୟାବ ସିଂହ ସୈନୀ ଓ ତାଙ୍କ ନୂତନ ମନ୍ତ୍ରିମଣ୍ଡଳ ନେତୃତ୍ୱରେ ହରିୟାଣା ଅଧିକ ସମୃଦ୍ଧିଶୀଳ ହେବ ଏବଂ ବିକାଶର ନୂତନ  ଦିଗକୁ ଅଗ୍ରସର ହେବ ବୋଲି ସେ କହିଛନ୍ତି।

## ଚିଲିକା- ଡ୍ରୋନ୍ ବ୍ୟବହାର

ଚିଲିକାକୁ ଆସୁଥିବା ବିଦେଶୀ ପକ୍ଷୀଙ୍କ ସୁରକ୍ଷା ପାଇଁ ଡ୍ରୋନ୍ ବ୍ୟବହାର କରାଯିବାକୁ ବନବିଭାଗ ନିଷ୍ପତ୍ତି ନେଇଛି।  ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଚଳିତ ମାସରୁ ଚିଲିକାରେ ବିଦେଶୀ ପକ୍ଷୀଙ୍କର ଆଗମନ ଆରମ୍ଭ ହୋଇଛି। ପ୍ରତ୍ୟେକ ବର୍ଷ ପରି ଏଥର ମଧ୍ୟ ପକ୍ଷୀଙ୍କ ସୁରକ୍ଷା ପାଇଁ ଅସ୍ଥାୟୀ ଜଗୁଆଳୀ ନିଯୁକ୍ତ ହୋଇଛନ୍ତି। ଚିଲିକା ବନ୍ୟପ୍ରାଣୀ ବନଖଣ୍ଡରେ ଏଥିପାଇଁ ୨୧ଟି କ୍ୟାମ୍ପ ପ୍ରତିଷ୍ଠା କରାଯାଇଛି। ପକ୍ଷୀ ଶୀକାର ନେଇ ଚିହ୍ନଟ ହୋଇଥିବା ସମ୍ବେଦନଶୀଳ ଅଞ୍ଚଳ ଉପରେ ବନଖଣ୍ଡ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଛି। ଡ୍ରୋନ୍ ମାଧ୍ୟମରେ ପକ୍ଷୀଙ୍କ ପ୍ରତି ବିପଦ ସୃଷ୍ଟି କରୁଥିବା ସମସ୍ତ ପଦକ୍ଷେପ ଉପରେ ନଜର ରଖାଯାଇପାରିବ ବୋଲି ଜଣାପଡ଼ିଛି।

ଆବଶ୍ୟକ ପଡ଼ିଲେ ପକ୍ଷୀ ଶିକାରୀଙ୍କ ଜଗିବା ଲାଗି ଖୋର୍ଦ୍ଧା ବନଖଣ୍ଡଠାରୁ ସ୍ୱତନ୍ତ୍ର ଡ୍ରୋନ୍ ଅଣାଯିବ ବୋଲି ଚିଲିକା ବନ୍ୟପ୍ରାଣୀ ବନଖଣ୍ଡ ପକ୍ଷରୁ ସୂଚନା ଦିଆଯାଇଛି ।

## ଦିବ୍ୟାଙ୍ଗ ଆଶା କେନ୍ଦ୍ର

**ପୁରୀ** ଶ୍ରୀମନ୍ଦିରରେ ଦିବ୍ୟାଙ୍ଗଙ୍କ ଲାଗି ସ୍ୱତନ୍ତ୍ର ଦର୍ଶନ ବ୍ୟବସ୍ଥା ପାଇଁ ଦିବ୍ୟାଙ୍ଗ ଆଶା କେନ୍ଦ୍ର ଖୋଲିବ ବୋଲି କେନ୍ଦ୍ର ସାମାଜିକ ରାଷ୍ଟ୍ର ମନ୍ତ୍ରୀ ବି .ଏଲ.ବର୍ମା କହିଛନ୍ତି । ଶ୍ରୀ ବର୍ମା ଭୋଳନାଥ ବିଦ୍ୟାପୀଠ ପରିସରରେ ଆୟୋଜିତ ସାମାଜିକ ଅଧିକାର ଶିବିରରେ ଯୋଗଦେଇ କହିଛନ୍ତି, ପୁରୀ ଶ୍ରୀମନ୍ଦିରକୁ ଆସୁଥିବା ସମସ୍ତ ଦିବ୍ୟାଙ୍ଗ ଭାଇ ଭଉଣୀଙ୍କୁ ଆଉ ଶିବିରକୁ ଆସିବାକୁ ପଡିବ ନାହିଁ । ସେମାନେ ଦିବ୍ୟାଙ୍ଗ ଆଶା କେନ୍ଦ୍ରକୁ ଆସି ସବୁ ପ୍ରକାର ସହାୟତା ପାଇପାରିବେ । ରାଜ୍ୟ ସରକାର ପୁରୀରେ ଜମି ଚିହ୍ନଟ କରି ଏହି ଦିବ୍ୟାଙ୍ଗ ଆଶା କେନ୍ଦ୍ର ଖୋଲିବେ । ଆୟୋଜିତ ଶିବିରରେ ପୁରୀ ଜିଲ୍ଲାର ୧୧ଟି ବ୍ଲକର ୨ ହଜାର ୧୪୨ ଜଣ ଦିବ୍ୟାଙ୍ଗ ଓ ବରିଷ୍ଠ ନାଗରିକଙ୍କୁ ସହାୟକ ଉପକରଣ ବଣ୍ଟନ କରାଯାଇଥିଲା ।

## ଜାତୀୟ ଶିକ୍ଷାନୀତି

ନୂତନ ଜାତୀୟ ଶିକ୍ଷାନୀତି ଅନ୍ତର୍ଗତ ଜିଲ୍ଲାସ୍ତରୀୟ ନିପୁଣ ଓଡ଼ିଶା ମିଶନ **ମାଲକାନଗିରି** ଜିଲ୍ଲା ଶୁଭାରମ୍ଭ ହୋଇଛି । ନୂତନ ଜାତୀୟ ଶିକ୍ଷାନୀତି ଅନୁଯାୟୀ ପ୍ରଥମରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ପାସ କରୁଥିବା ଛାତ୍ରଛାତ୍ରୀମାନେ ଆଗାମୀ ୨୦୨୬-୨୭ ଆର୍ଥିକବର୍ଷ ସୁଦ୍ଧା ମୌଳିକ ସାକ୍ଷରତା ଓ ସଂଖ୍ୟା ଜ୍ଞାନରେ କିଭଳି  ଦକ୍ଷ ହୋଇପାରିବେ ଓ ସେମାନଙ୍କ ନିଜ ଭାଷାରେ କିଭଳି ଦକ୍ଷତା ବୃଦ୍ଧି ହୋଇପାରିବ, ତାହା ଏହି ମିଶନର ଉଦ୍ଦେଶ୍ୟ ବୋଲି

ଜଣାପଡିଛି । କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଉଦ୍‌ଘାଟନ କରିଥିବାବେଳେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ଓ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସମାରୀ ତାଙ୍ଗୁଲୁ ପ୍ରମୁଖ ଯୋଗଦେଇଛନ୍ତି ।

## କୁମାର ପୂର୍ଣ୍ଣିମା

କୁମାର ପୂର୍ଣ୍ଣିମା ଉପଲକ୍ଷେ ଶ୍ରୀମନ୍ଦିରରେ ଆଜି ମହାପ୍ରଭୁଙ୍କର ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହେଉଛି । ପରମ୍ପରା ଅନୁସାରେ, ଆଜି ମଧ୍ୟାହ୍ନ ଧୂପନୀତି ଶେଷ ହେବା ପରେ ଶ୍ରୀଦେବୀ ଓ ଭୂଦେବୀଙ୍କୁ ଖଟଶେଯ ଘରେ ବିଜେ କରାଯିବ । ଏହାପରେ ଆଜ୍ଞାମାଳ ପାଇ ସୁଦର୍ଶନ ମହାପ୍ରଭୁ ଚଉଦୋଳରେ ଚାରି ଆଶ୍ରମକୁ ବିଜେ କରିବେ । ସେଠାରେ ପନ୍ତୀଭୋଗ ଓ ବନ୍ଦାପନା ନୀତି ସରିବା ପରେ ପୁଣି ଶ୍ରୀମନ୍ଦିରକୁ ଫେରିବେ । ଅନ୍ୟପକ୍ଷରେ, ବଡ଼ସିଂହାର ଭୋଗ ସରିଲେ ରତ୍ନ ସିଂହାସନ ତଳେ ଓ ଉପରେ ଶକଟା, ପସା ଓ କଉଡ଼ି ଖେଳ ହେବ । ସର୍ତ୍ତ ଅନୁଯାୟୀ, ଏହି ଦ୍ୟୁତ କ୍ରୀଡାରେ ମହାଲକ୍ଷ୍ମୀଙ୍କଠାରୁ ଜଗନ୍ନାଥ ମହାପ୍ରଭୁ ହାରିଯାଇଥିବାରୁ ପ୍ରଭୁଙ୍କ ଚଳନ୍ତି ପ୍ରତିମା ଶ୍ରୀମାଧବ ୭ ଦିନ ପର୍ଯ୍ୟନ୍ତ ଲକ୍ଷ୍ମୀ ମନ୍ଦିରରେ ବନ୍ଧା ରହିବେ । ମହାପ୍ରଭୁଙ୍କ ତରଫରୁ ପ୍ରତିନିଧି ମୁଦିରସ୍ତ ଓ ଲକ୍ଷ୍ମୀଙ୍କ ତରଫରୁ ଭିତରଛୁ ମହାପାତ୍ର ଏହି ଖେଳମାନ ଖେଳିଥାନ୍ତି ।

## ଗଜଲକ୍ଷ୍ମୀ ପୂଜା

ରାଜ୍ୟରେ ବିଭିନ୍ନ ପ୍ରାନ୍ତରେ ଗଜଲକ୍ଷ୍ମୀ ପୂଜା ଶ୍ରଦ୍ଧା ଏବଂ ନିଷ୍ଠାର ସହ ପାଳିତ ହେଉଛି । ବିଭିନ୍ନ ପୂଜାମଣ୍ଡପରେ ମା'ଙ୍କର ମୃଣ୍ମୟୀ ମୂର୍ତ୍ତି ପ୍ରତିଷ୍ଠା କରାଯାଇ ପୂଜାର୍ଚ୍ଚନା କରାଯିବା ସହ ଲକ୍ଷ୍ମୀଠାକୁରାଣୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ପୂଜା ଅନୁଷ୍ଠିତ ହୋଇଛି ।

**ସୁବର୍ଣ୍ଣପୁର** ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଜପଲକ୍ଷ୍ମୀ ପୂଜା ଆରମ୍ଭ ହୋଇଯାଇଛି। ସୁବର୍ଣ୍ଣପୁର ସହରର ୩ଟି ପ୍ରମୁଖ ମେଢ଼ ସହ ବୀରମହାରାଜପୁରର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀଙ୍କ ପୂଜା କରାଯାଉଛି। ପୂଜା ପୂର୍ବରୁ ଆୟୋଜିତ କଳସ ଯାତ୍ରାରେ ଶହଶହ ମହିଳା ଅଂଶଗ୍ରହଣ କରିଛନ୍ତି।

ସେହିପରି **ବୌଦ୍ଧ** ଜିଲ୍ଲାର ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା ଜାରି ରହିଛି। ସୁଉଚ୍ଚ ତୋରଣ ସାଙ୍ଗକୁ ସୁସଜ୍ଜିତ ମେଢ଼ ଓ ରଙ୍ଗୀନ ଆଲୋକମାଳାରେ ମଣ୍ଡପଗୁଡ଼ିକ ସଜେଇ ହୋଇଛି। ଜିଲ୍ଲାର କଣ୍ଟାମାଳ, ପଲସାଗୋରା, ଘଣ୍ଟାପଡା, ଆମ୍ବଗାଁ, ଖୁଣ୍ଟିଗୋରା, ରୁଣ୍ଡିମହୁଲ ଓ ମନମୁଣ୍ଡା ଆଦି ସ୍ଥାନରେ ମା'ଙ୍କ ପୂଜା କରାଯାଉଛି।

# ଟିକଟ୍ ସଂରକ୍ଷଣ

ଟ୍ରେନ୍ ଯାତ୍ରୀଙ୍କ ପାଇଁ  ଆଗୁଆ ସଂରକ୍ଷଣର ସମୟସୀମାକୁ ୬୦ ଦିନକୁ ହ୍ରାସ କରାଯାଇଛି । ପୂର୍ବରୁ ଏହା ୧୨୦ ଦିନ ରହିଥିଲା । ରେଳ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏ ସଂକ୍ରାନ୍ତ ବିଜ୍ଞପ୍ତି ଅନୁଯାୟୀ ଆସନ୍ତା ମାସ ପହିଲାରେ ଏହି ସଂଶୋଧିତ ନିୟମ ଲାଗୁ ହେବ । ତେବେ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ହୋଇଥିବା ସମସ୍ତ ସଂରକ୍ଷଣ ବଳବତ୍ତର ରହିବ । ତେବେ ବିଦେଶୀ ପର୍ଯ୍ୟଟକଙ୍କ ପାଇଁ ରହିଥିବା ୩୬୫ ଦିନର ସମୟସୀମା ପୂର୍ବ ପରି ବଳବତ୍ତର ରହିଛି ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ।

## ପାଣିପାଗ

ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଅବପାତ ରୂପ ନେଇଥିଲେ ମଧ୍ୟ ଓଡ଼ିଶା ଉପରେ ଏହାର କୌଣସି ପ୍ରଭାବ ନଥିବା ହେତୁ ରାଜ୍ୟରେ ପାଗ ମୁଖ୍ୟତଃ ଶୁଖିଲା ରହିଛି । ତେବେ ଆସନ୍ତା ୨୧ ତାରିଖ ବେଳକୁ କେନ୍ଦ୍ରୀୟ ବଙ୍ଗୋପସାଗରରେ ଆଉ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହେବା ସହ ୨୨ ତାରିଖ ବେଳକୁ ଏହାର ପ୍ରଭାବରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି । ଆଜି କଟକ, ଖୋର୍ଦ୍ଧା, ନୟାଗଡ଼, ପୁରୀ, ଗଞ୍ଜାମ, ଗଜପତି ଆଦି ଜିଲ୍ଲାର କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଭୁବନେଶ୍ୱର ଆଂଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି ।

## ସ୍ପୋର୍ଟସ ଗଭର୍ଣ୍ଣାନ୍ସ ବିଲ୍ ବୈଠକ

କେନ୍ଦ୍ର ଯୁବବ୍ୟାପାର ଏବଂ କ୍ରୀଡ଼ା ତଥା ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଡ. ମନସୁଖ ମାଣ୍ଡଭିୟଙ୍କ ଅଧ୍ୟକ୍ଷତାରେ ଆଜି ନୂଆଦିଲ୍ଲୀରେ ନ୍ୟାସନାଲ୍ ସ୍ପୋର୍ଟସ ଗଭର୍ଣ୍ଣାନ୍ସ ବିଲ୍ ୨୦୨୪ର ଡ୍ରାଫ୍ଟ ଉପରେ ଆଲୋଚନା କରିବା ପାଇଁ ଭାରତୀୟ ଅଲିମ୍ପିକ୍ ସଂଘ, ଜାତୀୟ କ୍ରୀଡ଼ା ମହାସଂଘ  ଏବଂ ଜାତୀୟ କ୍ରୀଡ଼ା ପ୍ରୋତ୍ସାହନ ସଂଗଠନ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କେନ୍ଦ୍ର ଯୁବ ବ୍ୟାପାର ଓ କ୍ରୀଡ଼ା ରାଷ୍ଟ୍ରମନ୍ତ୍ରୀ ରକ୍ଷା ଖଡ଼ସେ, ଭାରତୀୟ ଅଲିମ୍ପିକ୍ ସଂଘର ସଭାପତି ପିଟି ଉଷା ଏବଂ କେନ୍ଦ୍ର ମନ୍ତ୍ରଣାଳୟର ମିଶନ ଅଲିମ୍ପିକ୍ ସେଲ୍ ଏବଂ କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

ଡକ୍ଟର ମାଣ୍ଡଭିୟ ତାଙ୍କ ଅଭିଭାଷଣରେ ଉତ୍କର୍ଷତା ଏବଂ ଅଖଣ୍ଡତାକୁ ପ୍ରୋତ୍ସାହିତ କରୁଥିବା ଏକ ସୁଦୃଢ଼ ଏବଂ ସ୍ୱଚ୍ଛ କ୍ରୀଡ଼ା ଇକୋସିଷ୍ଟମ ସୃଷ୍ଟି କରିବା ପାଇଁ ସରକାରଙ୍କ ପ୍ରତିବଦ୍ଧତା ଉପରେ ଗୁରୁତ୍ୱାରୋପ କରିଥିଲେ ।

୨୦୪୭ ସୁଦ୍ଧା ପ୍ରଧାନମନ୍ତ୍ରୀଙ୍କ ବିକଶିତ ଭାରତ ପରିକଳ୍ପନାକୁ ସାକାର କରିବା ଦିଗରେ ଏହି ଡ୍ରାଫ୍ଟ ବିଲ୍ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମନ୍ତ୍ରୀ କହିଥିଲେ ।

*********************************